# <u>ଭୂଲକ୍ଷ୍ମୀ ସିଡସ୍ – ବିହନ  ପ୍ରକ୍ରିୟାକରଣ କ୍ଷେତ୍ରରେ ଏକ ଅଗ୍ରଣୀ ନାମ</u>

ଶ୍ରୀ ମଞ୍ଜୁମ ଭେଙ୍କଟ ରାଓ, ଶ୍ରୀ ମଞ୍ଜୁମ ଶ୍ରୀନିବାସ ରାଓ ଓ ଶ୍ରୀ ମଞ୍ଜୁମ ସୁରୀବାବୁ, ବରଗଡ ଜିଲ୍ଲାର ବରପାଲ୍ଲୀ ବ୍ଲକ ଅର୍ନ୍ତଗତ ପଧାନପାଲି ଗାଁର ବାସିନ୍ଦା । ବାପା ମଞ୍ଜୁମ କଣ୍ଡଲ ରାଓ ଥିଲେ ବରଗଡ ଜିଲ୍ଲାର ଜଣେ ଅଗ୍ରଣୀ ଚାଷୀ । ନିଜର ୬୦ ଏକର ଜମିରେ ଧାନ ଚାଷ ହେଉଥିଲା । ତିନି ଭାଇ ପ୍ରଥମେ ୨୦୦୫ ମସିହାରେ ଏକ <u>ବିହନ  ପ୍ରକ୍ରିୟାକରଣ</u> **ପ୍ଲାଣ୍ଟ** କରିବା ପାଇଁ ଚିନ୍ତା କଲେ । ଏଥିରେ **ଘଣ୍ଟାକୁ** ଏକ ଟନ ଧାନ ପ୍ରକ୍ରିୟାକରଣ ହୋଇପାରୁଥିଲା । ଏଥି ପାଇଁ ସେ ସମୟରେ ରାଷ୍ଟ୍ରିୟ <u>ବିହନ  ନିଗମ</u>ରୁ (NSC) ଟ.୮.୦୦ ଲକ୍ଷ ଟଙ୍କାର ସହାୟତା ରାଶି ମଧ ପାଇଥିଲେ । ବଜାରରେ **ବିହନ**ର ଚାହିଦାକୁ ଉପଲବ୍ଧି କରି **ପରବର୍ତ୍ତୀ** ସମୟରେ ୨୦୧୩ ମସିହାରେ ପୁରୁଣା **ପ୍ଲାଣ୍ଟ** ର ନବୀକରଣ କରି **ଘଣ୍ଟାକୁ** ୬ ଟନ (6TPH) କ୍ଷମତା ସମ୍ପନ୍ନ ଏକ ସିଡସ୍ ପ୍ରୋସେସିଙ୍ଗ **ପ୍ଲାଣ୍ଟ** ବସାଇବା ପାଇଁ ଚିନ୍ତା କଲେ । ବ୍ୟାଙ୍କ ଋଣ ପାଇଁ  ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଦ୍ୱାରସ୍ଥ ହେଲେ । ମାତ୍ର ନିରାଶ ହୋଇ ଶେଷରେ ଉକ୍ରଳ ଗ୍ରାମ୍ୟ ବ୍ୟାଙ୍କ, ବରପାଲି ଶାଖାରୁ ଟ.୩୨୫.୦୦ ଲକ୍ଷ ଟଙ୍କାର  ଋଣ ନେଇ ପ୍ରକଳ୍ପ ଟି ସମ୍ପୂର୍ଣ୍ଣ କଲେ । **ବର୍ତ୍ତମାନ** ପ୍ରକଳ୍ପରେ ବର୍ଷକୁ ୫୦,୦୦୦ **କୁଇଣ୍ଟାଲ** ଧାନ ପ୍ରକ୍ରିୟାକରଣ ହୋଇ ବିକ୍ରିହେଉଛି । ପ୍ରାରମ୍ଭିକ ଅବସ୍ଥାରେ OAIC & OSSCକୁ ଧାନ ବିକ୍ରି କରାହେଉଥିଲା ।  **ବର୍ତ୍ତମାନ** ଏଥି ସହିତ **ବେସରକାରୀ ବିପଣନ କରି** ପଶ୍ଚିମ ବଙ୍ଗ, **ଉତ୍ତର** ପ୍ରଦେଶ, ଛତିଶଗଡ ତଥା ଓଡିଶାରେ **ବିହନ** ବିକ୍ରି ଆରମ୍ଭ ହୋଇଛି । ଧାନ ସହିତ ସୋରିଷ ଓ ଚିନାବାଦାମର ମଞ୍ଜି ମଧ ଭୂଲକ୍ଷ୍ମୀ ସିଡସ୍ ପ୍ରକ୍ରିୟାକରଣ କରିଥାଏ । ଏହି ସଂସ୍ଥା ଟି ରାଜ୍ୟ କୃଷିନୀତିରେ ଆପିକଲରୁ  ଟ.୫୦.୦୦ ଲକ୍ଷ ଟଙ୍କା ଉଦ୍ୟୋଗ ପୁଞ୍ଜି ସହାୟତା (Capital Investment Subsidy) ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛି ।



